

# କଟକ ସିଟି

### ଏସ୍‌ସିବି କର୍ତ୍ତୃପକ୍ଷଙ୍କ ନୂଆ ପଦକ୍ଷେପ

# ଇସିଜି ସେବା ସରଳୀକରଣ ପାଇଁ ଦାୟିତ୍ୱ ବଣ୍ଟନ

କଟକ,୧୨।୫(ସମିସ)

ଏସ୍‌ସିବି ମେଡିକାଲରେ ଇଲେକ୍ଟ୍ରୋକାର୍ଡିଓଗ୍ରାମ୍ ଅଥବା ଇସିଜି ସେବାକୁ ନେଇ ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି, ସେଥିରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଉଦ୍ୟମ କରିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ଷ୍ଟାଫ ସଙ୍କଟ ଯୋଗୁଁ ରୋଗୀ ହଇରାଣରେ ପଡୁଥିଲେ। ତେବେ ନୂତନ ପଦକ୍ଷେପ ସ୍ୱରୂପ ଆଉଟସୋର୍ସିଂ ଭାବେ କାର୍ଯ୍ୟ କରୁଥିବା ଇସିଜି ଟେକ୍ନିସିଆନଙ୍କ ଦାୟିତ୍ୱ ବଣ୍ଟାଯାଇଛି। ଏବେ ବିଭିନ୍ନ ୱାର୍ଡରେ ନିର୍ଦ୍ଧାରିତ ସମୟରେ ଏମାନେ କାର୍ଯ୍ୟ କରିବେ। ରବିବାର ଜରୁରୀକାଳିନ ଭିତ୍ତିରେ ମେଡିକାଲ କର୍ତ୍ତୃପକ୍ଷ ଏକ ଚିଠି(ନଂ-୧୦୫/୫) ଜାରି କରିଛନ୍ତି। ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତଙ୍କ କହିବା ମୁତାବକ, ଜଣେ ହେଲେ ରୋଗୀ କିପରି ସମସ୍ୟାରେ ପଡିବେ ନାହିଁ ସେଥିପାଇଁ ମେଡିକାଲ କର୍ତ୍ତୃପକ୍ଷ ଉଦ୍ୟମ



କରୁଛନ୍ତି। ଇସିଜି ଟେକ୍ନିସିଆନ ଆଉଟସୋର୍ସିଂରେ କାର୍ଯ୍ୟ କରୁଥିଲେ। ସେମାନେ ଏବେ ବିଭିନ୍ନ ୱାର୍ଡରେ ସିଫ୍ଟ ଅନୁସାରେ କାର୍ଯ୍ୟ କରିବେ ବୋଲି ଡଃ ରାଉତ କହିଛନ୍ତି।

ମେଡିକାଲ କର୍ତ୍ତୃପକ୍ଷଙ୍କ ନୂତନ ଚିଠି ଅନୁସାରେ, ଇସିଜି ଟେକ୍ନିସିଆନ ୨୪ ଘଣ୍ଟିଆ କାର୍ଯ୍ୟ କରିବେ। ତିନୋଟି ସିଫ୍ଟରେ ଏମାନଙ୍କ ଦାୟିତ୍ୱ ବାଣ୍ଟି ଦିଆଯାଇଛି। ନ୍ୟୁ ମେଡିସିନ ଗ୍ରାଉଣ୍ଡ ଫ୍ଲୋରରେ ପ୍ରଥମ ସିଫ୍ଟ ତଥା ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ସୀତା କିଶାନ ଏବଂ ହରିହର ସାହୁ କାର୍ଯ୍ୟ କରିବେ। ଦ୍ୱିତୀୟ ସିଫ୍ଟ ତଥା ଦିନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ନିରଞ୍ଜନ ପଣ୍ଡା ଏବଂ ମାନସୀ ବେହେରାଙ୍କ ଡ୍ୟୁଟି ରହିଛି। ସେହିପରି ପୁରୁଣା ମେଡିସିନ ୱାର୍ଡରେ ପ୍ରଥମ ସିଫ୍ଟରେ ନୃସିଂହ ଚରଣ ବେହୁରା, ସୁଶ୍ରିତା ଦାସ, ଦ୍ୱିତୀୟ ସିଫ୍ଟରେ ଅନ୍ନପୂର୍ଣ୍ଣା ମଲ୍ଲିକ ଓ ସରୋଜ କୁମାର ରାଉତ, ଡାଏରିଆ ୱାର୍ଡରେ ପ୍ରଥମ ସିଫ୍ଟରେ ଦମୟନ୍ତୀ ପରମାଣିକ ଏବଂ ଦ୍ୱିତୀୟ ସିଫ୍ଟରେ ଅକ୍ଷୟ କୁମାର ମଲ୍ଲିକ କାର୍ଯ୍ୟ କରିବେ। ରାତି ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ୩ୟ ସିଫ୍ଟ ରହିଛି। ସମସ୍ତ ୱାର୍ଡ, ଆଇସିୟୁ, ନନଟ୍ରମା କାଜୁଆଲିଟିର ରୋଗୀଙ୍କୁ ଏହି ସମୟରେ ଇସିଜି ସେବା ଯୋଗାଇ ଦେବା ପାଇଁ ଅବିନାଶ ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି। ଏତଦବ୍ୟତୀତ ଇସିଜି ଟେକ୍ନିସିଆନ ପ୍ରିୟରଞ୍ଜନ ରାଉତ, କବିତା ରାଉତ ଏବଂ ସମ୍ପୂର୍ଣ୍ଣ ପଣ୍ଡାଙ୍କୁ ରିଜର୍ଭ ଡ୍ୟୁଟିରେ ରଖାଯାଇଛି।

ପ୍ରକାଶଯୋଗ୍ୟ, ଗତ ୯ ତାରିଖରେ ଜଣେ ଘରୋଇ ଟେକ୍ନିସିଆନ୍ ୱାର୍ଡରେ ମଧ୍ୟରେ ପଶି ଜଣେ ରୋଗୀଙ୍କ ଇସିଜି କରୁଥିବା ବେଳେ ମଙ୍ଗଳାବାଗ ଥାନା ପୁଲିସ ତାଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ରୋଗୀ ସମ୍ପର୍କୀୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ଇସିଜି ଷ୍ଟାଫ୍ ସଙ୍କଟ କାରଣରୁ ବିଭିନ୍ନ ୱାର୍ଡରେ ଦୈନିକ ୫୦୦ରୁ ଅଧିକ ରୋଗୀ ଇସିଜି ପରୀକ୍ଷା କରାଇବାରେ ଯଥେଷ୍ଟ ବିଳମ୍ବ ଘଟୁଛି ବୋଲି ଅଭିଯୋଗ ହୋଇଥିଲା। ରୋଗୀମାନଙ୍କ ଚିକିତ୍ସା ସେବା ଅଧାରେ ଅଟକୁଛି। ବାଧ୍ୟ ହୋଇ ରୋଗୀ ସମ୍ପର୍କୀୟମାନେ ବାହାରୁ ଇସିଜି ଟେକ୍ନିସିଆନ୍‌ଙ୍କୁ ଆଣି କାମ ଚଳାଉଛନ୍ତି ବୋଲି କୁହାଯାଇଥିଲା। ଏପରିକି କିଛି ଡାକ୍ତର ମଧ୍ୟ ଏହି ପ୍ରସଙ୍ଗରେ ଭିନ୍ନ ମତ ପ୍ରକାଶ କରିଥିଲେ। ଇସିଜି ଟେକ୍ନିସିଆନ ସଙ୍କଟକୁ ନେଇ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି କହିଥିଲେ।

## ‘ରୋଗୀ ସେବା କ୍ଷେତ୍ରରେ ସେବିକାଙ୍କ ଅବଦାନ ଅତୁଳନୀୟ’

**କଟକ,୧୨।୫(ସମିସ):** ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ଅନ୍ତର୍ଜାତୀୟ ନର୍ସିଂ ଦିବସ ଦୁଇଦିନ ଧରି ପାଳନ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଦ୍ୱିତୀୟ ଦିନ ରବିବାରରେ ଡେପୁଟି ନର୍ସିଂ ସୁପରିନଟେଣ୍ଡେଣ୍ଟ ବାସନ୍ତୀ ନାୟକ ଯୋଗଦେଇ ରୋଗୀ ସେବା କ୍ଷେତ୍ରରେ ନର୍ସ ତଥା ସେବିକା ମାନଙ୍କ ଅବଦାନ ଅତୁଳନୀୟ ଏବଂ ସେବିକାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ପ୍ରଶାସନିକ ଅଧିକାରୀ ପ୍ରତିଭା ପୃଷ୍ଟି, ଅଧ୍ୟକ୍ଷ ପ୍ରଫେସର ପଦ୍ମାଳୟା ଦେବୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲଳିତ ଭୂୟାଁ, ସୁବ୍ରତ ତ୍ରିପାଠୀ ସମେତ ଅନ୍ୟାନ୍ୟ ନର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଏସ୍‌ସବି ମେଡିକାଲ ପୁରାତନ ଅଡିଟୋରିୟମ ହଲ୍‌ରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ବିଶ୍ୱ ନର୍ସିଂ ଦିବସ ରବିବାର ପାଳନ ହୋଇଥିଲା। କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଏମ୍‌କେସିଜିର ଅବସରପ୍ରାପ୍ତ ପ୍ରଫେସର ସରୋଜ ନଳିନୀ ମହାନ୍ତି ଯୋଗଦେଇ ଉଦଘାଟନ କରିଥିଲେ। ସଂଘର ସଭାପତି ଝରଣା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକମରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ପ୍ରସେନ୍‌ଜିତ୍ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରଫେସର ନୀଳମାଧବ ରଥ, ସମ୍ମାନିତ ଅତିଥି ଭାବେ ସୁପରିଟେଣ୍ଡେଣ୍ଟ ଇନଚାର୍ଜ ସାବିତ୍ରୀ ନାୟକ ଯୋଗ ଦେଇଥିଲେ। ରୋଗୀ ମେଡିକାଲରେ ଭର୍ତ୍ତି ହେବା ଠାରୁ ଆରମ୍ଭ କରି ଡିସଚାର୍ଜ ପର୍ଯ୍ୟନ୍ତ ଠିକ୍ ଭାବେ ଯତ୍ନ ନେବା ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ନର୍ସ ବହନ କରିଥାନ୍ତି। ପ୍ରତ୍ୟେକଟି ନର୍ସଙ୍କ ମହତ୍ତ୍ୱ ରହିଥିବା ନେଇ ଅତିଥିମାନେ ମତପ୍ରକାଶ କରିଛନ୍ତି। ସଂଘ ପକ୍ଷରୁ ଅବସରପ୍ରାପ୍ତ ନର୍ସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସଂଘର ସଦସ୍ୟଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ସମ୍ପାଦକ ସରୋଜିନୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଡ୍ରିମ୍‌ସ ମେଡିକାଲ କଲେଜରେ ଆନ୍ତର୍ଜାତିକ ସେବିକା ଦିବସ

କଟକ,୧୨।୫(ସମିସ)




ଡ୍ରିମ୍‌ସ ଇନଷ୍ଟିଚ୍ୟୁଟ୍ ଅଫ ହେଲଥ୍ ସାଇନ୍ସ ଆଣ୍ଡ ହସ୍‌ପିଟାଲ ପକ୍ଷରୁ ଆନ୍ତର୍ଜାତିକ ସେବିକା ଦିବସ ପାଳିତ ହୋଇଥିଲା। ଏହି ଉପଲକ୍ଷେ ପଦ୍ମିନୀ ଅଡିଟୋରିୟମରେଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଧୁନିକ ନର୍ସିଂ ସେବାର ଜନନୀ ଫୋରେନ୍ସ ନାଇଟିଙ୍ଗେଲ, କର୍ମଯୋଗୀ ଧନେଶ୍ୱର ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେବିକାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ଏଭଳି ସମ୍ମାନଜନକ ବୃତ୍ତିରେ ନିୟୋଜିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆବଶ୍ୟକ ସହଯୋଗ ଓ ପ୍ରୋତ୍ସାହନ ଦେବା ସହିତ ଏହି ଶିକ୍ଷାର ଗୁଣାତ୍ମକ ବିକାଶ ଦିଗରେ ପଦକ୍ଷେପ ନିଆଯିବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ଡା. ରଞ୍ଜନ କୁମାର ଦାସ, ପ୍ରଫେସର ଡା. ମାୟା ପାଢୀ, ପ୍ରଫେସର ଡା. ନିରୁପମା ଚୟନୀ, ପ୍ରଫେସର ଡା. ମନ୍ମଥ କୁମାର ମଣ୍ଡଳ, ପ୍ରଫେସର ଡା. ଆଦିତ୍ୟ ରଞ୍ଜନ ଦାସ, ଡା. ନିର୍ଝରିଣୀ ଧଳ ସେବିକାମାନଙ୍କୁ କରୁଣା, ସହାନୁଭୂତି ଓ ଉତ୍ସର୍ଗୀକୃତ ମନୋଭାବର ପ୍ରତୀକ ଭାବରେ ବର୍ଣ୍ଣନା କରି ଚିକିତ୍ସା ବିଜ୍ଞାନର ଅଗ୍ରଗତି ସହିତ ସେବିକାମାନଙ୍କ ଜ୍ଞାନ ଓ କୌଶଳର ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଚିନ୍ମୟୀ ମହାନ୍ତି, ସୁଚିସ୍ମିତା ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ପଦ୍ମିନୀ କେୟାର ହସ୍‌ପିଟାଲରେ କାର୍ଯ୍ୟରତ ସେବିକାମାନଙ୍କୁ ଉପଢ଼ୌକନ ପ୍ରଦାନ ସହ କେକ୍ କଟାଯାଇଥିଲା। ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରଦ୍ୟୁତ୍ କୁମାର ଷଡଙ୍ଗୀଙ୍କ ତତ୍ତ୍ୱବଧାନରେ ସାରଦା ପ୍ରସାଦ ପଣ୍ଡା, ପ୍ରିୟଦର୍ଶିନୀ ମହାରଣା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲ୍ଲା ବିଜେଡିର ନୂତନ କର୍ମକର୍ତ୍ତା

**କଟକ,୧୨।୫(ସମିସ):** ବାରବାଟୀ କଟକ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ପାର୍ବତୀ ଚରଣ ଦାସ, ମହମ୍ମଦ ଆକ୍ରମ ଏବଂ ମାନସ କୁମାର ଜେନାଙ୍କୁ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ରାଜ୍ୟସଭା ସାଂସଦ ତଥା କଟକ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ନିଯୁକ୍ତ କରିଛନ୍ତି। କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ (ସଂଗଠନ) ପ୍ରଶାନ୍ତ ନାୟକ ଏକ ପ୍ରେସ ବିବୃତ୍ତିରେ ଏହା ଜଣାଇଛନ୍ତି।

### ବାଲ୍ୟ ବିବାହକୁ ନେଇ ଉତ୍କଳ ସେବକ ସମାଜର ପ୍ରୟାସ

# ହାଇକୋର୍ଟ ନିର୍ଦ୍ଦେଶ ଅନୁସରଣ କରିବାକୁ ପ୍ରଶାସନକୁ ନିବେଦନ

କଟକ,୧୨।୫(ସମିସ)

ସାମାଜିକ ସଂଗଠନ ଉତ୍କଳ ସେବକ ସମାଜ ପକ୍ଷରୁ ଶିଶୁ ଅଧିକାର ଓ ସୁରକ୍ଷା ନିମନ୍ତେ ଆକ୍ସେସ୍ ଟୁ ଜଷ୍ଟିସ୍ ଫର୍ ଚିଲଡ୍ରେନ୍ସ କାର୍ଯ୍ୟକ୍ରମ କଟକ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, କଟକ ଜିଲ୍ଲାର ଶିଶୁ ମାନଙ୍କୁ ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁ ଯୌନ ନିର୍ଯ୍ୟାତନା ଭଳି ଅପରାଧରୁ ସୁରକ୍ଷା ଦେବା। ଗତ ଏକ ବର୍ଷ ମଧ୍ୟରେ ଉତ୍କଳ ସେବକ ସମାଜର କାର୍ଯ୍ୟକର୍ତ୍ତାମାନେ ବ୍ଲକ୍ ଓ ଜିଲ୍ଲା ପ୍ରଶାସନ ସହାୟତାରେ ୩୦ରୁ ଉର୍ଦ୍ଧ୍ୱ ବାଲ୍ୟ ବିବାହ ବନ୍ଦ କରିଛନ୍ତି। ଉତ୍କଳ ସେବକ ସମାଜର ସଂପାଦକ ଅମୀୟ ଭୂଷଣ ବିଶ୍ୱାଳ କହିଛନ୍ତି ଯେ କଟକ ଜିଲ୍ଲାରେ ଆହୁରି ବାଲ୍ୟ ବିବାହ ସଂଗଠିତ ହେଉଛି, ଯାହା ପ୍ରଶାସନର ଅଗୋଚରରେ ରହୁଛି ଏବଂ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ରିପୋର୍ଟ କରାଯାଉନାହିଁ। ଏ ପରିପ୍ରେକ୍ଷୀରେ ସର୍ବଭାରତୀୟ ସ୍ତରରେ ୧୨୦ଟି ଏନ୍‌ଜିଓ ମାନଙ୍କୁ ନେଇ ଗଠିତ ‘ଜଷ୍ଟ ରାଇଟ୍ ଫର୍ ଚିଲ୍‌ଡ୍ରେନ୍ସ ଏଲାଏନ୍ସ’ ର ଏକ ପିଆଇଏଲ୍ ବିଚାରକୁ ନେଇ ନିକଟ ଅତୀତରେ ରାଜସ୍ଥାନ ହାଇକୋର୍ଟଙ୍କ ଦ୍ୱାରା ଜଷ୍ଟିସ୍ ଶୁଭ ମେହେତା ଓ ଜଷ୍ଟିସ୍ ପଙ୍କଜ ତିୱାରୀଙ୍କୁ ନେଇ ଗଠିତ ବେଞ୍ଚ ଏକ ଉଲ୍ଲେଖନୀୟ ରାୟ ଶୁଣାଇଛନ୍ତି। ରାଜସ୍ଥାନରେ କୌଣସି ବାଲ୍ୟ ବିବାହ ହେଲେ ଏହାର ଉତ୍ତରଦାୟୀ ସେହି ପଞ୍ଚାୟତର ସରପଞ୍ଚ ରହିବେ। ପୁନଶ୍ଚ ଏହି ରାୟରେ ଦର୍ଶାଯାଇଛି ଯେ ବାଲ୍ୟ ବିବାହ ନିରୋଧ ଅଧିକାରୀମାନେ ସେମାନଙ୍କ କ୍ଷେତ୍ରାଧୀକାରରେ ହେଉଥିବା ସମସ୍ତ ବାଲ୍ୟ ବିବାହର ଏକ ରିପୋର୍ଟ ପ୍ରସ୍ତୁତ କରି ଦେବେ ଓ ସେହି ବାଲ୍ୟ ବିବାହ ରୋକିବାରେ ସେ କଣ ପଦକ୍ଷେପ ନେଇଛନ୍ତି ଦର୍ଶାଇବେ। ‘ଜଷ୍ଟ ରାଇଟ୍ ଫର୍ ଚିଲ୍‌ଡ୍ରେନ୍ସ ଏଲାଏନ୍ସ’ ର ପ୍ରତିଷ୍ଠାତା ଉଚ୍ଚତମ ନ୍ୟାୟାଳୟର ଆଇନଜୀବି ଭୁବନ ରିଭୁ ମଧ୍ୟ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ବାଲ୍ୟ ବିବାହ ଏକ ଘୃଣ୍ୟ ପ୍ରଥା ହେଲେ ମଧ୍ୟ ଏହା ଆମ ସମାଜରେ ଅନେକ ଜାଗାରେ ଗ୍ରହଣୀୟ ହୋଇସାରିଛି। ରାଜସ୍ଥାନ ହାଇକୋର୍ଟଙ୍କ ଦ୍ୱାରା ପ୍ରକାଶ ପାଇଥିବା ଏହି ରାୟ ଶିଶୁ ମାନଙ୍କ ସୁରକ୍ଷା ଦିଗରେ ସୁଦୂରପ୍ରସାରୀ ପ୍ରଭାବ ପକାଇବ ଓ ଭାରତରେ ଯେଉଁଭଳି ଭାବରେ ବାଲ୍ୟ ବିବାହକୁ ରୋକିବାକୁ ପଦକ୍ଷେପ ନିଆଯାଉଛି ତାହା ସଂପୂର୍ଣ୍ଣ ବିଶ୍ୱ ପାଇଁ ଉଦାହରଣ। କଟକ ଜିଲ୍ଲାରେ ଯଦି ସରପଞ୍ଚ ମାନଙ୍କ ଉପରେ ବାଲ୍ୟ ବିବାହ ବନ୍ଦର ଦାୟିତ୍ୱ ନ୍ୟସ୍ତ କରାଯିବା ସହିତ ବାଲ୍ୟ ବିବାହ ନିରାକରଣ ଦାୟିତ୍ୱରେ ଥିବା ସିଡିପିଓ ମାନଙ୍କୁ ଉତ୍ତରଦାୟୀ କରାଗଲେ ଜିଲ୍ଲାରୁ ବାଲ୍ୟ ବିବାହ ଭଳି ଏକ ଘୃଣ୍ୟ ପ୍ରଥାର ବିଲୋପ କରାଯାଇପାରନ୍ତା ବୋଲି ଉତ୍କଳ ସେବକ ସମାଜର ସଂପାଦକ ଶ୍ରୀ ବିଶ୍ୱାଳ ପ୍ରସ୍ତାବ ଦେଇଛନ୍ତି। ସେ ଏହି ମର୍ମରେ ଏକ ଦାବିପତ୍ର କଟକ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି।

# କନ୍ଦରପୁରରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ





କଟକ,୧୨।୫(ସମିସ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରଚାରକୁ ଜୋରଦାର କରିଛି ବିଜୁ ଜନତା ଦଳ। ଏହି କ୍ରମରେ ଏକ ଶୋଭାଯାତ୍ରା ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ଆଜି ପଞ୍ଚାୟତର ବିଭିନ୍ନ ଗ୍ରାମ ତଥା ଅଥଙ୍ଗା, ବମ୍ଭୁରି, କନ୍ଦରପୁର ଗ୍ରାମର ୧୬ନମ୍ବର ୱାର୍ଡ ଓ ଅଲାରପୁର ପ୍ରଭୃତି ପରିକ୍ରମା କରିଥିଲା। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଆସନ୍ତା ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଚନ୍ଦ୍ର ସାରଥୀ ବେହେରା ଓ ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ସାଧାରଣ ଭୋଟରଙ୍କୁ ନିବେଦନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ସୁଭାଷିନୀ ରାଉତ, ସମିତି ସଭ୍ୟ ସାରଦା ପ୍ରସନ୍ନ ସ୍ୱାଇଁ, ପଞ୍ଚାୟତ ବିଜେଡି ସଭାପତି ଭିକାରୀ ବେହେରା, ଯୁବନେତା କାଳନ୍ଦୀ ଚରଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରମୋଦ ରାଉତ, ସମବାୟ ସମିତିର ସଭାପତି ରାଜୀବ ବେଉରା, ହୃଦାନନ୍ଦ ଆଚାର୍ଯ୍ୟ, ଉମାକାନ୍ତ ଭୂୟାଁ, ରଞ୍ଜିତ ପାତ୍ର, ନିରଞ୍ଜନ ବେହେରା, ମୁକେଶ କୁମାର ଜେନା, ମନୋଜ ଜେନା, ପ୍ରତାପ ରାଉତ,ପ୍ରଭାକର ବେହେରା, ଶିବ ପ୍ରସାଦ ପ୍ରଧାନ, ଜ୍ୟୋତି ରଞ୍ଜନ ବେହେରା, ରାମଚନ୍ଦ୍ର ଭୋଇ, ପ୍ରକାଶ ସାହୁ, ବୁଦ୍ଧଦେବ ଭୋଇ, ବିଶ୍ୱଜିତ ସିଂହ, ଗୌରୀଶଙ୍କର ରାଉତ, ସନ୍ତୋଷ ସାହୁ, ନାରୀନେତ୍ରୀ ସରୋଜିନୀ ମହାପାତ୍ର, ମଞ୍ଜୁଲତା ଜେନା, ମୀନା ଭୋଇ ପ୍ରମୁଖଙ୍କ ସମେତ ବହୁ ବିଜେଡି କର୍ମୀ ପ୍ରଚାର କରିଥିଲେ। ଆସନ୍ତା କାଲି ପଞ୍ଚାୟତର ଅବଶିଷ୍ଟ ଗ୍ରାମର ପ୍ରତି ଘରକୁ ଘର ଯାଇ ସରକାରଙ୍କ ଯୋଜନା ବିଷୟରେ ଅବଗତ କରାଯାଇ ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରାଯିବ ବୋଲି ପଞ୍ଚାୟତ ବିଜେଡି ଆବାହକ କାଳନ୍ଦୀ ଚରଣ ସ୍ୱାଇଁ କହିଛନ୍ତି।

## ସମାଜସେବା ସମ୍ମାନ ଘୋଷିତ

**କଟକ,୧୨।୫(ସମିସ):** ସମାଜସେବା ଅନୁଷ୍ଠାନ ଦିଗମ୍ବର ଜୈନ ଯୁବମଣ୍ଡଳ ଏବଂ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନର ପ୍ରାକ୍ତନ ସଭାପତି ସୁରେଶ କୁମାର କମାଣିଙ୍କୁ ଯଥାକ୍ରମେ ‘ମମତା ସମାଜସେବା ସମ୍ମାନ’ ଓ ‘ମମତା ସ୍ମୃତି ସମ୍ମାନ’ ପ୍ରଦାନ କରାଯିବ। ଏହି ଅନୁଷ୍ଠାନ ଓ ସମାଜସେବୀ ଶ୍ରୀ କମାଣି ଦୀର୍ଘକାଳ ଧରି ଓଡ଼ିଶାର ସାମାଜିକ କଲ୍ୟାଣ ଓ ଅଗ୍ରଗତି କ୍ଷେତ୍ରରେ ନିଷ୍ଠାରସହ କାର୍ଯ୍ୟ କରିଆସୁଛନ୍ତି। ସମ୍ମାନ ସ୍ୱରୂପ ନଗଦ ଦଶ ହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯିବ। ମମତା ଦାସ ସ୍ମୃତି ସଂସଦ ପକ୍ଷରୁ ଆସନ୍ତା ୨୦୨୪ ମଇ ୧୪ ତାରିଖ ମଙ୍ଗଳବାର ସଂଧ୍ୟା ୬ଟା ୩୦ ମିନିଟ୍ ସମୟରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ବିଶିଷ୍ଟ ସମାଜସେବୀ ମମତା ଦାସଙ୍କ ଦ୍ୱିତୀୟ ସ୍ମୃତି ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସ୍ମୃତି ସଂସଦର ସଂପାଦକ କମଳ ମାହୁନ୍ତ ଜଣାଇଛନ୍ତି।

# ଦୁର୍ଘଟଣାରେ ଆହତ ବ୍ୟକ୍ତି ଓ ହୃଦ୍‌ରୋଗୀଙ୍କୁ ସହାୟତା



କଟକ,୧୨।୫(ସମିସ)

ମାନବ ସେବା ହିଁ ମାଧବ ସେବା। ଏହି ଉକ୍ତିକୁ ପାଥେୟ କରି ମାନବିକତା ଦେଖାଇଛନ୍ତି କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ। ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର କୋରପଦା ଗ୍ରାମର ମାନସିକରୋଗୀ ଅଭିମନ୍ୟୁ ସାହୁଙ୍କ ପୁଅ ଶଙ୍କର ସାହୁ କିଛି ଦିନ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସକ ହେଉଛନ୍ତି। ସେହିପରି ସେହି ଗ୍ରାମର ସ୍ୱର୍ଗତ ହରି ସାହୁଙ୍କ ପୁଅ ଅମର ସାହୁ ଯିଏ ହକର କାର୍ଯ୍ୟ କରି ତାଙ୍କ ପରିବାର ପ୍ରତିପୋଷଣ କରନ୍ତି। ସେ ହୃଦ୍‌ଘାତର ଶିକାର ହୋଇ ଚିକିତ୍ସିତ ହେଉଛନ୍ତି। ଏହି ଖବର ଜାଣିବା ପରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ରାଉତ ସେମାନଙ୍କ ଘରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଆର୍ଥିକ ସହାୟତା ସହିତ ରାସନ ସାମଗ୍ରୀ ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମାହାଳୀ, କନ୍ଦରପୁର ପଞ୍ଚାୟତ ସମିତି ସଭ୍ୟ ସାରଦା ପ୍ରସନ୍ନ ସ୍ୱାଇଁ, ପଞ୍ଚାୟତ ବିଜେଡି ସଭାପତି ଭିକାରୀ ବେହେରା, ବିଜେଡି ଯୁବନେତା ସଞ୍ଜୟ ସାହୁ, କାଳନ୍ଦୀ ଚରଣ ସ୍ୱାଇଁ, ପ୍ରମୋଦ ରାଉତ, ସୁବୋଧ ବେହେରା, ହୃଦାନନ୍ଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷାଙ୍କ ଏଭଳି ମହାନ କାର୍ଯ୍ୟ ଯୋଗୁଁ ତାଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



✓ ଅରୂପ ବେହେରା
ବାରିପଦା ୧୯ନଂ. ୱାର୍ଡ, ବୁଢ଼ିଖମାରୀ
ଧରାବତରଣ- ୧୫.୦୨.୧୯୭୦
ସର୍ଗାରୋହଣ- ୦୩.୦୫.୨୦୨୪

ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ।
ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ
ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ପୁଅ - ସାଗର, ଝିଅ- ଶ୍ରାବଣୀ, ସ୍ତ୍ରୀ- ବାସନ୍ତୀ, ବଡ ଭାଇ- ପ୍ରଦୀପ, ବଡ ଭାଉଜ- ପୁଷ୍ପଲତା, ମଝିଆଁ ଭାଉଜ- ଜ୍ୟୋତ୍ସାରାଣୀ, ବଡ ଭଉଣୀ- ଛବିରାଣୀ, ମଝିଆଁ ଭଉଣୀ- ଛୟାରାଣୀ, ସାନ ଭଉଣୀ- ଛନ୍ଦାରାଣୀ, ବଡ ଭିଣେଇ- ଭାଗିରଥି, ମଝିଆଁ ଭିଣେଇ- ଗୋବର୍ଦ୍ଧନ, ସାନ ଭିଣେଇ- ମେଘନାଦ, ମାଆ- ପ୍ରମିଳା ଏବଂ ସମସ୍ତ ପରିବାର ବୃନ୍ଦ

## ନିଆଳିରେ ମିଶ୍ରଣ ପର୍ବ

# ଅନ୍ୟ ଦଳର ୩୦୦ କର୍ମୀ ବିଜେଡିରେ ସାମିଲ





**ନିଆଳି, ୧୨।୫(ସମିସ)**

ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଉଥିବା ବେଳେ ବିଶେଷକରି ନିଆଳିରେ ବିଭିନ୍ନ ରାଜନୈତିକ ଦଳ ଛାଡ଼ି ବହୁ କର୍ମୀ ବିଜୁ ଜନତା ଦଳରେ ଯୋଗଦେଉଥିବା ଦେଖିବାକୁ ମିଳିଛି। ଶେଷ ପର୍ଯ୍ୟାୟରେ ହେବାକୁ ଥିବା ନିଆଳି ବିଧାନସଭା ଓ ଜଗତ୍‌ସିଂହପୁର ଲୋକସଭା ପାଇଁ ଭୋଟ ଗ୍ରହଣ ତାରିଖ ସ୍ଥିର କରାଯାଇଥିବା ବେଳେ ନିଆଳି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଦିନକୁ ଦିନ ବିଜେଡି ତାର ଶକ୍ତି ବୃଦ୍ଧି କରିବାରେ ଲାଗିଛି। ରବିବାର ନିଆଳି ବ୍ଲକର ୧୩ଟି ପଞ୍ଚାୟତର ତିନି ଶହରୁ ଉର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ବିଜୁ ଜନତା ଦଳରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଥିବା ଜଣାଯାଇଛି। ସମାଜସେବୀ ରଞ୍ଜନ ଲେଙ୍କାଙ୍କ ଆୟୋଜନରେ ନିଆଳି ମାଧବସ୍ଥିତ ସଦା ବାବାଜି ତୋଟାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ନିଆଳି ବ୍ଲକ ସାଂସଦଙ୍କ ପ୍ରତିନିଧି ଆଦିତ୍ୟ ପାଣି ସଭାପତିତ୍ୱ କରିଥିଲେ। ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଫେସର ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ବିଜେଡି ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ସମ୍ପର୍କରେ ଆଲୋଚନା କରି ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ପାଇଁ ଭୋଟର ସିଦ୍ଧାନ୍ତ ନେଇ ସାରିଥିବା କହିଥିଲେ। ଏହି ଅବସରରେ ନିଆଳି ବ୍ଲକର ଅଲଣା, ଷଡ଼ଙ୍ଗ, ଜଲ୍ଲାରପୁର, ତିହୁଡ଼ି, ପହଙ୍ଗା, ରାଣିଓଳା, ଅଁଳୋ, ଶଗଡ଼ାଇଲୋ, ରତନପୁର, ବିନିଶପୁର, ବିଲାଶୁଣୀ, ନିଭରଣ ଓ ମାଧବ ପଞ୍ଚାୟତର ଦୁଇ ଶହରୁ ଉର୍ଦ୍ଧ୍ୱ ଅନ୍ୟ ଦଳର କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିବା ବେଳେ ବିଧାୟକ ସେମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ସେହିପରି ବାରଙ୍ଗ ବ୍ଲକର କେତେକ ଅନ୍ୟ ଦଳର କର୍ମୀ ଏଠାରେ ଉପସ୍ଥିତ ରହି ବିଧାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଦେବାଶିଷ ଷଡ଼ଙ୍ଗୀ, ସୌଦାମିନୀ ମହାପାତ୍ର, ସୂର୍ଯ୍ୟକାନ୍ତୀ ମହାନ୍ତି, ନିଆଳି ବ୍ଲକ ପୂର୍ବତନ ଅଧ୍ୟକ୍ଷ ନ୍ୟାୟବ୍ରତ ରାଉତ, ଯୁବ ସଂଗଠକ ସୌମିତ୍ର ଲେଙ୍କା, ପ୍ରଭାତ ଭୂୟାଁ, ଅକ୍ଷୟ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଧାୟକ ପ୍ରମୋଦ ମଲ୍ଲିକଙ୍କୁ ନିଆଳି ନିର୍ବାଚନ ମଣ୍ଡଳୀରୁ ପୁଣି ଥରେ ଚତୁର୍ଥ ଥର ପାଇଁ ବିଧାୟକ ଓ ଦ୍ୱିତୀୟ ଥର ପାଇଁ ସାଂସଦ ରାଜଶ୍ରୀ ମଲ୍ଲିକଙ୍କୁ ସଂଖ୍ୟାଧିକ ଭୋଟରେ ବିଜୟୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ନିଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ନିଆଳି, ୧୨।୫(ସମିସ):** ନିଆଳି ବଜାରରେ ମାଲବୋଝେଇ ଟ୍ରକ୍ ଧକ୍କାରେ ରବିବାର ସକାଳୁ ଭଉଣୀ ଘରକୁ ଆସୁଥିବା କୃଷ୍ଣଚନ୍ଦ୍ର ପାଢ଼ି (୫୩)ଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ତାଙ୍କ ଘର କଣ୍ଟାପଡ଼ା ବ୍ଲକ ଧାନମଣ୍ଡଳ ହୋଇଥିବା ବେଳେ ସେ ଅସ୍ତରଙ୍ଗରେ ଏକ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟ କରୁଥିଲେ। ରବିବାର ସେ ନୂଆଗାଁ ବଙ୍ଗାଳିସାହି ସ୍ଥିତ ତାଙ୍କ ଭଉଣୀ ଘରକୁ ଆସିଥିବା ବେଳେ ସେଠାରେ ପହଞ୍ଚି ନିଆଳି ବଜାରକୁ ପରିବା ଆଣିବା ପାଇଁ ଆସିଥିବା ବେଳେ ତାଙ୍କର ଦୁର୍ଘଟଣା ହୋଇଥିଲା। ତତ୍‌କ୍ଷଣାତ୍ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ୧୦୮ ଯୋଗେ କଟକ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ମୃତ ଶରୀରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ନିଆଳି ଥାନା ଅଧିକାରୀ ତପନ କୁମାର ରାଉତ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଜବତ କରିବା ସହ ଗାଡ଼ି ଚାଳକଙ୍କୁ ଅଟକ ରଖିଥିବା ଜଣାଯାଇଛି।

## ନିର୍ବାଚନୀ ଚଢ଼ଉ: ୩ ଲକ୍ଷ ୫୫ ହଜାର ଜବତ



**ଆଠଗଡ଼, ୧୨।୫(ସମିସ):** ଆଠଗଡ଼ରେ ନିର୍ବାଚନୀ ବାତାବରଣ ସରଗରମ ହେଉଥିବା ବେଳେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଟଙ୍କା ବଣ୍ଟା ମଧ୍ୟ ଆରମ୍ଭ ହୋଇଛି। ପ୍ରତିଦିନ ବିଭିନ୍ନ ଦାମୀ ଗାଡ଼ିରେ ଲକ୍ଷ ଲକ୍ଷ ଟଙ୍କା ଆଠଗଡ଼ ଏବଂ ବଡ଼ମ୍ବା ନିର୍ବାଚନ ମଣ୍ଡଳୀକୁ ଯାଉଥିବା ଅଭିଯୋଗ ହୋଇ ଆସୁଥିଲା। ଆଜି ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ନିକଟସ୍ଥ ତାରିଣୀ ଛକଠାରେ ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦ୍ୱାରା ଯାଞ୍ଚ ସମୟରେ ବଡ଼ମ୍ବାରୁ ଭୁବନେଶ୍ୱର ଯାଉଥିବା ଏକ କାର (ଓଡି -୦୨- ଏ ଏକ୍ସ -୧୮୮୮) ରୁ ୩ ଲକ୍ଷ ୫୫ ହଜାର ଟଙ୍କା ଜବତ କରା ଯାଇଛି। ଆଠଗଡ଼ ନିର୍ବାଚନ ମଣ୍ଡଳୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ -୪ ର ମାଜିଷ୍ଟ୍ରେଟ୍ ରାଜେଶ ସେନାପତି ସହକାରୀ ସବ୍ ଇନ୍ସପେକ୍ଟର ସତ୍ୟପ୍ରିୟ ବରାଳ ଆଜି ଦିନ ପ୍ରାୟ ୧୨ଟାରେ ତାରିଣୀ ଛକ ନିକଟରେ ପାଟ୍ରୋଲିଂ ସମୟରେ ସନ୍ଦିଗ୍ଧ ଅବସ୍ଥାରେ ଉକ୍ତ କାରକୁ ଯାଞ୍ଚ କରିବା ସମୟରେ ଏହି ଟଙ୍କା ଜବତ ହୋଇଥିବା ଜଣାପଡ଼ିଛି।

# ସଦର ବିଜେଡିର ମିଶ୍ରଣ ପର୍ବ



**ନିଶ୍ଚିନ୍ତକୋଇଲି, ୧୨।୫(ସମିସ):** କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାନ୍ତପୁର ପଞ୍ଚାୟତର କେତେକ ବ୍ୟକ୍ତି କଂଗ୍ରେସ ଓ ବିଜେପି ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ନତକାଇ ବାଣୀନଗର ସ୍ଥିତ ଶକ୍ତିଶ୍ୱର ମହାଦେବ ପୀଠ ସ୍ଥଳୀରେ କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ନୃସିଂହଚରଣ ମୁଦୁଲିଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଯୋଗଦେଇ ପୂର୍ବତନ ବିଜେପି ଯୁବମୋର୍ଚ୍ଚା ସଭାପତି ଜାନକୀବଲ୍ଲଭ ମହାନ୍ତି, ୨୫ନଂ ଜୋନର ପୂର୍ବତନ କଂଗ୍ରେସ ସଭାପତି ଅମିତାଭ ମହାପାତ୍ରଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଶୁଭେଚ୍ଛା ଜଣାଇଥିଲେ। ଏହି ଦୁଇ ନେତାଙ୍କ ସହିତ ସେମାନଙ୍କର ବହୁ ସମର୍ଥକ ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଦୀର୍ଘ ୨୪ବର୍ଷର ମୁଖ୍ୟମନ୍ତ୍ରୀ କାଳରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟର ଦ୍ରୁତି ପ୍ରଗତି ଓ ବିଧାୟକ ଚନ୍ଦ୍ରସାରଥୀ ବେହେରାଙ୍କର ଦୃଢ ନେତୃତ୍ୱ ଓ ଦ୍ୱିପାଞ୍ଚଳ ବିକାଶ କ୍ଷେତ୍ରରେ ଅଭୁତପୂର୍ବ ସଫଳତାରେ ଅନୁପ୍ରାଣିତ ହୋଇ ସାନ୍ତପୁର ପଞ୍ଚାୟତର ଦୁଇ ନେତୃବୃନ୍ଦ ଏବଂ ତାଙ୍କ ସମର୍ଥକ ମାନେ ବିଜେଡିରେ ଯୋଗ ଦେଇଥିବା ପ୍ରକାଶ କରିଛନ୍ତି। ଏହାଦ୍ୱାରା ସଦର ବିଜେଡିର ସଂଗଠନ ମଜବୁତ୍ ହେବା ସହିତ ସାନ୍ତପୁର ପଞ୍ଚାୟତରେ ପ୍ରଗତିର ଧାରା ଅଗ୍ରସର ହେବ ବୋଲି ବିଧାୟକ ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## ରାଷ୍ଟ୍ରୀୟ ସମାଜସେବୀ ସଂଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ସାଲେପୁର, ୧୨।୫(ସମିସ):** ରାଷ୍ଟ୍ରୀୟ ସମାଜସେବୀ ସଂଗଠନ ଓଡ଼ିଶା ପକ୍ଷରୁ ଆଜି କୁଳିଆର ବେଲହୁଡ଼ା ମନ୍ଦିରରେ ମହିଳା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ସୁରକ୍ଷା, ମହିଳା ସମ୍ମାନ, ମହିଳା ସଶକ୍ତୀକରଣ, ଅସହାୟ ବୃଦ୍ଧବୃଦ୍ଧାଙ୍କୁ ସହଯୋଗ କରିବା, ରକ୍ତଦାନ, ଚାରାରୋପଣ ଏବଂ ଶିଶୁ ନିର୍ଯ୍ୟାତନା କିପରି ଭାବରେ ରୋକାଯାଇପାରିବ, ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସମାଜସେବୀ ସଂଗଠନର ରାଜ୍ୟ ସଭାପତି କୁଞ୍ଜବିହାରୀ ବେହେରା ସଭାପତିତ୍ୱ କରିଥିଲେ। ରାଜ୍ୟ ଉପସଭାପତି ଅମରେନ୍ଦ୍ର ନାରାୟଣ ଦାଶ, ଆଇନ୍‌ଜୀବୀ କଳ୍ପନା ନାୟକ, ଅବଦୁଲ ରଜାକ ଖାଁ, ଆଶିଷ କୁମାର ପତି, କନକଲତା ରାଉତ, ମନୋଜ କୁମାର ସାମଲ, କଳ୍ପନା ଭୂୟାଁ, ପୂର୍ଣ୍ଣିମା ବେହେରା, ସରୋଜ ବେହେରା, ଶଙ୍କର୍ଷଣ ସ୍ୱାଇଁ, ଗୀତାଞ୍ଜଳି ନାୟକ, ସସ୍ମିତା



ମାଝି, ପୁଷ୍ପିତା ଜେନା, ପୂଜାରାଣୀ ଲେଙ୍କା, ବିଜୟଲକ୍ଷ୍ମୀ ନାୟକ, କବିତା ମଲ୍ଲିକ, କମଳା ସାହୁଙ୍କ ସମେତ ବହୁ ସଭ୍ୟସଭ୍ୟା ଏହି ବୈଠକରେ ଯୋଗ ଦେଇଥିଲେ।

## ବେଲେଶ୍ୱରୀଙ୍କ ଯଜ୍ଞ ପୂର୍ଣ୍ଣାହୁତି



**ନିଶ୍ଚିନ୍ତକୋଇଲି, ୧୨।୫(ସମିସ):** ନିଶ୍ଚିନ୍ତକୋଇଲିର ଆରାଧ୍ୟ ଗ୍ରାମ ଦେବତୀ ମା' ବେଲେଶ୍ୱରୀଙ୍କ ଭବ୍ୟ ନୂତନ ମନ୍ଦିର ପ୍ରତିଷ୍ଠା ଓ ତ୍ରିଦିନାତ୍ମକ ଯଜ୍ଞର ପୂର୍ଣ୍ଣାହୂତି ହୋଇଛି। ପ୍ରଥମେ ମୁଖ୍ୟ ମନ୍ଦିର ପ୍ରତିଷ୍ଠା ହେବା ପରେ ନୂତନ ବିଗ୍ରହାଦିଙ୍କ ପ୍ରାଣ ପ୍ରତିଷ୍ଠା, ନ୍ୟାସ ଓ ମନ୍ଦିର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୂଜକ ଶୁକଦେବ ଷଡଙ୍ଗୀଙ୍କ ଦ୍ୱାରା ମା' ବେଲେଶ୍ୱରୀ, ମହାଦେବ ଓ ରାଧାକୃଷ୍ଣଙ୍କର ଯଥାରୀତି ପୂଜାର୍ଚ୍ଚନା ଓ ଦେବନୀତି ହୋଇଥିଲା। ପଣ୍ଡିତ ଅକ୍ଷୟ କୁମାର ଦାଶ ଏବଂ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ପ୍ରତ୍ୟହ ସୂର୍ଯ୍ୟ ପୂଜା, ଗୋପୂଜା, ମଣ୍ଡଳାଧି ପୂଜା କାର୍ଯ୍ୟକ୍ରମ କରାଯାଇ ଯଜ୍ଞର ଶନିବାର ପୂର୍ଣ୍ଣାହୂତି ହୋଇଛି। ଏହି କାର୍ଯ୍ୟକ୍ରମରେ ମା' ବେଲେଶ୍ୱରୀଙ୍କ କର୍ତ୍ତା ଭାବେ କ୍ଷୀରୋଦ ପଣ୍ଡା, ମହାଦେବଙ୍କ କର୍ତ୍ତା ଭାବେ ଅନାମଚରଣ ଦାସ ଓ ରାଧାକୃଷ୍ଣଙ୍କ କର୍ତ୍ତା ଭାବେ ଦିଲ୍ଲୀପ କୁମାର ବାରିକ କାର୍ଯ୍ୟ ତୁଲାଇଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା, ଲଉଡ଼ି ନୃତ୍ୟ ଓ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇ ବିଭୁ କୃପା ଲାଭ କରିଥିଲେ। ରାମଚନ୍ଦ୍ର ମହାପାତ୍ର, ରବୀନ୍ଦ୍ର ବେହେରା, ବିଚିତ୍ରାନନ୍ଦ ପଣ୍ଡା, ରମେଶ ରାଉତ, ଦୀପ୍ତିରଞ୍ଜନ ସାହୁଙ୍କ ସମେତ ମା' ବେଲେଶ୍ୱରୀ ଉନ୍ନୟନ କମିଟିର କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବୁହାଳୋରେ ଚତୁର୍ଥ ପ୍ରହର ନାମଯଜ୍ଞ

**ନିଶ୍ଚିନ୍ତକୋଇଲି, ୧୨।୫(ସମିସ):** ବୁହାଳୋ ଗ୍ରାମର ଆରାଧ୍ୟ ଗ୍ରାମ ଦେବତୀ ମା' ଦୁଧେଇ ମା' ପୀଠ ସ୍ଥଳୀରେ ୧୫ତମ ବାର୍ଷିକ ଚତୁର୍ଥ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ପୂଜକ ପ୍ରମୋଦ ଶତପଥୀଙ୍କ ଦ୍ୱାରା ମା'ଙ୍କର ଯଥାରୀତି ପୂଜାର୍ଚ୍ଚନା ଓ ମାର୍ଜନା ପରେ ନାମଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯଜ୍ଞାଚାର୍ଯ୍ୟ ପ୍ରଭାତ ମହାପାତ୍ର ଓ ପ୍ରକାଶ ଶତପଥୀଙ୍କ ଦ୍ୱାରା ପ୍ରଥମେ ହରିନାମ ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ନଳିନୀକାନ୍ତ ଶତପଥୀ କାର୍ଯ୍ୟଭାର ତୁଲାଇଥିଲେ। ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ସାରା ଦିନ ବ୍ୟାପୀ ନାମ ସଂକୀର୍ତ୍ତନ ହୋଇ ରାତ୍ରିରେ ଉଦଯାପିତ ହୋଇ ନଗରକୀର୍ତ୍ତନ କରାଯାଇଥିଲା। ପୀତାମ୍ବର ସାହୁ, ହରିହର ମହାପାତ୍ର, ବିଭୁପ୍ରସାଦ ଦାସ, ସୁଶାନ୍ତ ଦାସ, ସୁମନ୍ତ ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତାମାନେ ଏହାକୁ ପରିଚାଳନା କରିଥିଲେ।

# ଆଜି ନାମାଙ୍କନ ଭରିବେ କଂଗ୍ରେସ ନେତା ୟାକୁବ୍ ଖାଁ

**ସାଲେପୁର, ୧୨।୫(ସମିସ):** କଂଗ୍ରେସ ବିଧାୟକ ପ୍ରାର୍ଥୀ ଇଂ. ୟାକୁବ୍ ଉଜମାନ ଖାଁ ସୋମବାର ନିଜ ନାମାଙ୍କନପତ୍ର ଦାଖଲ କରିବେ। ଏଥି ପାଇଁ ଏକ ପ୍ରସ୍ତୁତି ବୈଠକ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା କାଲି ସେ ସାଲେପୁର ନିର୍ବାଚନ ମଣ୍ଡଳୀର ପ୍ରାୟ ୧୫ହଜାରରୁ ଉର୍ଦ୍ଧ୍ୱ ସମର୍ଥକମାନଙ୍କୁ ନେଇ ସାହେଶ୍ୱରୀ ମନ୍ଦିର ପରିସରରୁ ବାହାରି ସାଲେପୁର ସହର ପରିକ୍ରମା କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଶ୍ରୀ ଖାଁ ପ୍ରକାଶ କରିଛନ୍ତି। ଏହି ଶୋଭାଯାତ୍ରାରେ ୧୦ହଜାରରୁ ଉର୍ଦ୍ଧ୍ୱ ମୋଟର ସାଇକଲ୍ ସାମିଲ ହେବା ସହ ବହୁ ବରିଷ୍ଠ କଂଗ୍ରେସ ନେତା ଓ କର୍ମୀମାନେ ସାମିଲ ହେବେ। ଏହି ଅବସରରେ ଶିଶୁଆ, ନାଳିଆମୁହଁ, ନାଦୋଳ,



ବହୁଗ୍ରାମ, ପାଗା, ପଦ୍ମପୁର, ପୀରବଜାର ସମେତ ବିଭିନ୍ନ ସ୍ଥାନରେ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି କଂଗ୍ରେସ କମିଟି ପକ୍ଷରୁ ସ୍ଥିର କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଫିଉଲ୍ ଆଲାମ୍, ଅବଦୁଲ ଇସାକ୍ ଖାଁ, ଇଫତେଖାର ଅହେମ୍ମଦ, ନାଜିରୁଲ ହାସନ, ରିଜୁଆନ୍ ସକିଲ, ସରୋଜ କର, ସେକ୍ ପୀର ବକ୍ସଙ୍କ ସମେତ ସାଲେପୁର ବ୍ଲକର ୩୫ଟି ଓ ଟାଙ୍ଗୀ ବ୍ଲକର ୧୩ଟି ପଞ୍ଚାୟତର କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ।

**Format C-1**

**(for candidate to publish in Newspapers, TV)**

**Declaration about criminal cases**

(As per the judgment dated 25 September, 2018, of Hon'ble Supreme Court in WP (Civil) No. 536 of 2011(Public Interest Foundation & Ors. Vs. Union of India & Anr.)

Name and address of candidate: **Prakash Chandra Behera,** Gunjanpur, Bhairpur, Cuttack
Name of political party: **BIJU JANATA DAL**
(Independent candidates should write "Independent" here)
Name of Election: **ODISHA LEGISLATIVE ASSEMBLY**
Name of Constituency: **90-BARABATI -CUTTACK**
I Prakash Chandra Behera (name of candidate), a candidate for the above mentioned election; declare for public information the following details about any criminal antecedents:
**(A) Pending criminal cases:-**

| Sl. No. | Name of Court | Case No. and dated | Status of case(s) | Section(s) of Acts concerned and brief description of offence(s) |
|---|---|---|---|---|
| 01 | JMFC, Salepur | Case No. 524 of 2019, | Pending | U/s 188 & 34 of IPC<br>Disobedience to an order lawfully promulgated by public servant with common intention. |
| 02 | JMFC Rural, Cuttack transferred to Cog-IV, Cuttack | Case No. 1462 of 2015 | Pending | U/s – 143, 145, 146, 188, 294, 506, 149 of IPC road with section 7 of criminal law amendment Act. Being member of unlawful assembly, disobeyed to our lawful order promulgated by public servant and threating local obscene songs with furtherance of criminal intimidation. |
| 03 | ADJ cum Special judge vigilance, Bhubaneswar | Case No. 922 of 2012 | Pending | U/s.-147, 148, 294, 323, 307, 427, 353, 506 & 149 of PIC, road with section 7 of criminal law amendment Act and section 3 of PDPP Act. Rioting armed with deadly weapons, obscene songs and voluntarily causing hurt, attempt to murder, mischief, use of criminal force to deter a public servant from discharging has duty with furtherance of criminal intimidation and damage to the public property. |
| 04 | JMFC Salepur | Case No. 424 of 2018 | Pending | U/s-294, 506 & 34 of IPC<br>Obscene songs and criminal intimidation. |
| 05 | Special Designated Court, Bhubaneswar | Case No. 212 of 2018 | Pending | U/s- 143, 283, 294 & 34 of IPC<br>Being member of an unlawful assembly caused endanger by obstruction to public way in abusing obscene songs. |
| 06 | Special Designated Court, Bhubaneswar | Case No. 282 of 2006 | Pending | U/s- 147, 188, 294, 506 & 149 of IPC<br>Rioting, disobedience to an order lawfully promulgated by public servant with obscene songs and criminal intimidation. |
| 07 | Shri D. Bal, JMFC, Cuttack | Case No. 526 of 2013 | Pending | U/s- 341, 143 & 149 of IPC<br>Being member of an unlawful assembly wrongfully confined any person. |
| 08 | JMFC, Salepur | Case No. 1076 of 2018 | Pending | U/s.- 341, 332, 427, 353, 332 & 506 of IPC. Wrongfully restraining any person, voluntarily causing hurt, mischief, causing damage of PS 50- upwards, assault of lese of criminal force to a public servant from discharging duty, voluntarily causing hurt to deter public servant from his duty, criminal intimidation with common intention. |
| 09 | Special Designated Court, Bhubaneswar | Case No. 127 of 2011 | Pending | U/s- 143, 431, 149 of IPC, read with section for criminal law amendment act and section 3 of PDPP Act.<br>Being member of an unlawful assembly mischievously caused injury to public road, bridge, navigable etc. |
| 10 | JMFC, Salepur | Case No. 285 of 2006 | No notice received | As per information supplied by S.P. Cuttack in letter no. 146/DIB (B Cell) dt. 30.03.2019.<br>U/s – 147, 148, 294, 341, 323, 506 & 149 of IPC. Rioting armed with deadly weapons, obscene songs, wrongfully restraining any person and voluntarily causing hurt with criminal intimidation. |

(B) **Details about Cases of Conviction for criminal offence:**

| SL.NO | Name of Court & Date(s) of Order (s) | Description of Office(s) & Punishment Imposed | Maximum Punishment Imposed |
|---|---|---|---|
| 1 | Nil | Nil | Nil |

*In the case of election to Council of States or election to Legislative Council by MLAS, mention the election concerned in place of name of constituency.

**Sd/- Prakash Chandra Behera**

## ଆମଣ ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ



**ଫୁଲନଖରା, ୧୨।୫(ସମିସ):** କଟକସଦର ବ୍ଲକ ଅନ୍ତର୍ଗତ ଆମଣ ଗ୍ରାମପଞ୍ଚାୟତରେ ବିଜେଡି ୱାର୍ଡ ସଭାପତି ବିପ୍ର ଚରଣ ଭୋଲଙ୍କ ପୌରୋହିତ୍ୟରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଦର ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର ଓ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୀବନ ସାମନ୍ତରାୟ ଯୋଗଦେଇ ପଞ୍ଚାୟତ ସ୍ତରରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମକୁ ସଫଳ କରିବା ସହିତ ବିଜେଡି ପକ୍ଷରୁ ପ୍ରକାଶ ପାଇଥିବା ନିର୍ବାଚନ ଇସ୍ତାହାରକୁ ପ୍ରତ୍ୟେକଙ୍କ ପାଖରେ ପହଞ୍ଚାଇବା ପାଇଁ କର୍ମୀମାନେ ପ୍ରୟାସ କରିବା ଉଚିତ୍ ବୋଲି କହିଥିଲେ। ସବୁବର୍ଗଙ୍କୁ ସୁହାଇଲା ଭଳି ନିର୍ବାଚନ ଇସ୍ତାହାରକୁ ନେଇ କର୍ମୀମାନେ ଉତ୍ସାହିତ ଥିବା ଦେଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ବସନ୍ତ କୁମାର ପଶୁପାଳକ, ଲକ୍ଷ୍ମୀଧର ସାହୁ, ଧିରେନ୍ଦ୍ର ରାଉତରାୟ, ତପସୀ ଦଳାଇ, ସ୍ନେହାଶିଷ ମଙ୍ଗରାଜ, ବ୍ରଜବନ୍ଧୁ ରାଉତରାୟ, ଭରତ ପାତ୍ର, ରାମଚନ୍ଦ୍ର ପୃଷ୍ଟି, ଶିବ ପୃଷ୍ଟି, ବସନ୍ତ ପୃଷ୍ଟି, ସନ୍ୟାସୀ ପୃଷ୍ଟି, ବନମାଳୀ ଭୋଇ, ଟିକିନା ସାହୁ, ବିକାଶ ଭୋଳ, ସଦାଶିବ ବେହେରା ଓ ବ୍ରହ୍ମାନନ୍ଦ ବେହେରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଘର ଘର ବୁଲି ଭୋଟଭିକ୍ଷା କଲେ ବିଜେପି ପ୍ରାର୍ଥୀ ଅରିନ୍ଦମ୍



**ସାଲେପୁର, ୧୨।୫(ସମିସ):** ଆଜି ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ୪୬ନଂ ଜିଲ୍ଲାପରିଷଦ ଜୋନ୍‌ରେ ଥିବା ସମସ୍ତ ପଞ୍ଚାୟତ ଗସ୍ତ କରି ମୋଦୀଙ୍କ ବିକାଶ ବାର୍ତ୍ତା ପ୍ରଚାର କରିବା ସହିତ ଭୋଟ ଭିକ୍ଷା କରିଥିଲେ। ସାଲେପୁର ମଣ୍ଡଳ ସଭାପତି ଆଇନ୍‌ଜୀବୀ ବିକ୍ରମ କେଶରୀ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ୍ ରାୟ ନିଜ ସମର୍ଥକମାନଙ୍କ ସହ ୪୬ନଂ ଜୋନ୍‌ର ଚନ୍ଦ୍ରାଦେଇପୁର, ବାଲିସାହି, ବାରିଗୋଲ, ପିକୋଳ, ଦ୍ୱୀପାଞ୍ଚଳର ୪ଟି ଗୋଟି ପଞ୍ଚାୟତ ଗସ୍ତ କରି ଛୋଟ ଛୋଟ ବୈଠକମାନ କରିବା ସହ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଯୁବନେତା ରଶ୍ମିରଞ୍ଜନ ଲେଙ୍କା, ହିମାଂଶୁ ମହାନ୍ତି, ଧ୍ରୁବଚରଣ ମହାନ୍ତି, ଜଗାଶିଷ କର, ସନ୍ତୋଷ କୁମାର ଭୂୟାଁ, ରଘୁପତି ରାଉତଙ୍କ ସମେତ ସମସ୍ତ ପଞ୍ଚାୟତର ପଞ୍ଚାୟତ ସଭାପତିମାନେ ଉପସ୍ଥିତ ଥିଲେ।

## କଟକ ସଦର ୫୯ନଂ ୱାର୍ଡରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ଫୁଲନଖରା, ୧୨।୫(ସମିସ):** କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟକ ମହାନଗର ନିଗମ ୫୯ନଂ ୱାର୍ଡ ପୁରୁଣା କାଚରାମାଳ ଗ୍ରାମରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ବିଜେଡି ୱାର୍ଡ ସଭାପତି ଜ୍ଞାନରଞ୍ଜନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ଯୁବ ସଂଗଠକମାନେ ଯୋଗ ଦେଇ ସରକାରଙ୍କ ବିକାଶୋନ୍ମୁଖୀ କାର୍ଯ୍ୟକ୍ରମ ଗୁଡିକର ସଫଳ ରୂପାୟନକୁ ଘରେ ଘରେ ପହଞ୍ଚାଇବା ପାଇଁ ପ୍ରୟାସ କରିଥିଲେ। ଏତଦ୍ ବ୍ୟତୀତ ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରକାଶିତ ଦଳୀୟ ଇସ୍ତାହାର ସବୁ ବର୍ଗର ଲୋକମାନଙ୍କ ଠାରୁ ଆରମ୍ଭ କରି ଯୁବ ଓ ଛାତ୍ରମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଗୁଡିକୁ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ୱାର୍ଡ ମହିଳା ସଭାନେତ୍ରୀ ଚନ୍ଦ୍ରକାନ୍ତି ବେହେରା, ୱାର୍ଡ ମିଶନ ଶକ୍ତି ସଭାପତି ଡଲି ସାହୁ, କିଶୋର ବରାଳ, ରାକେଶ ପଟ୍ଟନାୟକ, ପ୍ରିୟ ରଞ୍ଜନ ବେହେରା, ପବିତ୍ର ବେହେରା, ଶିବ ପ୍ରସାଦ ପଟ୍ଟନାୟକ, ସଞ୍ଜୟ କୁମାର ସାହୁ, ରାଜେଶ୍ୱରୀ ସାହୁ ଓ ସସ୍ମିତା ସେଠୀ ପ୍ରମୁଖ ବହୁ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଘରେ ଘରେ ବୁଲି କଟକ ସାଂସଦ ପ୍ରାର୍ଥୀ ଡ. ସନ୍ତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ଚନ୍ଦ୍ର ସାରଥି ବେହେରାଙ୍କୁ ଯୋଡି ଶଙ୍ଖରେ ମୋହର ମାରି ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ।

### ଆଠଗଡ଼ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ବିଜେପି ଦଳ ଅପରାଧୀଙ୍କ ଆଶ୍ରୟସ୍ଥଳୀ

ଟିଗିରିଆ, ୧୨।୫(ସମିସ)

ଭାରତୀୟ ଜନତା ପାର୍ଟି(ବିଜେପି) ଅପରାଧିଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଏହି ଦଳ ଅପରାଧିମାନଙ୍କୁ ପ୍ରୋତ୍ସାହିତ କରୁଛି। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଆଠଗଡ଼ର ବିଜେପି ପ୍ରାର୍ଥୀ ଅଭୟ କୁମାର ବାରିକଙ୍କ ଅପରାଧିକ ପୃଷ୍ଠଭୂମି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଥିବା ଥାନାଗୁଡିକରେ ବିଜେପି ପ୍ରାର୍ଥୀ ଅଭୟଙ୍କ ନାମରେ ୨୫ରୁ ଅଧିକ ଫୌଜଦାରୀ ମାମଲା ବିଚାରାଧିନ

- **ସାଧାରଣ ଭୋଟରଙ୍କୁ ଭୟଭୀତ କରୁଛନ୍ତି ବିଜେପି ପ୍ରାର୍ଥୀ ଅଭୟ**
- **ବିଜୁ ଜନତା ଦଳର ୪୫ ଜଣିଆ ପ୍ରଚାରକଙ୍କ ନାମ ଘୋଷଣା**

ଥିବା ବେଳେ ସେ ଗୋଟିଏ ମୋକଦ୍ଦମାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ବୋଲି ଆଜି ବିଜୁ ଜନତା ଦଳର ଆଠଗଡ଼ସ୍ଥିତ କାର୍ଯ୍ୟାଳୟ ସୂର୍ଯ୍ୟଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଛି।

ଆଠଗଡ଼ ବିଧାନସଭା କ୍ଷେତ୍ର ପାଇଁ ବିଜେପି ପକ୍ଷରୁ ମନୋନୀତ ପ୍ରାର୍ଥୀ ଶ୍ରୀ ବାରିକ ନିର୍ବାଚନ କମିଶନରଙ୍କୁ ତାଙ୍କ ବିରୁଦ୍ଧରେ ଓଡ଼ିଶାର ବିଭିନ୍ନ ଥାନାରେ ୨୫ଟି ଫୌଜଦାରୀ ମାମଲା ଥିବା ଦର୍ଶାଇଥିବା ବେଳେ ତାଙ୍କ ବିରୁଦ୍ଧରେ ଗୋଟିଏ ମାମଲାରେ କୋର୍ଟ ତାଙ୍କୁ ଦୋଷୀ





ସାବ୍ୟସ୍ତ କରିଛନ୍ତି ବୋଲି ନିଜର ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ସେଥିମଧ୍ୟରୁ ୯ଟି ମାମଲାରେ ପୁଲିସ ଠକେଇ, ଦାଦାବଟି ଆଦାୟ, ହତ୍ୟା ଉଦ୍ୟମ ଆଦି ସଙ୍ଗୀନ ମାମଲାରେ ଚାର୍ଜଫ୍ରେମ୍ କରିଛି। ଏହି ପରିପ୍ରେକ୍ଷୀରେ ସେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି ଓ କେତେକ ସ୍ଥାନରେ କିଛି ଅସାମାଜିକ ବ୍ୟକ୍ତିଙ୍କ ସହାୟତାରେ ବିଜେଡି ସମର୍ଥକମାନଙ୍କ ବ୍ୟକ୍ତିଗତ ଜୀବନକୁ ନେଇ କୁତ୍ସାରଟନା, ମହିଳାମାନଙ୍କୁ ଅସଦାଚରଣ ଧମକ ଦେଉଥିବାର ବିଜେଡି ଅଭିଯୋଗ କରିଛି। ଫଳରେ ଆଠଗଡ଼ ବିଜେପି ଏବେ ଅପରାଧୀ ଓ ଅସାମାଜିକ ବ୍ୟକ୍ତିମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ନିର୍ବାଚନ ସମୟରେ ଏତାଦୃଶ୍ୟ ଘଟଣାକୁ ଆଠଗଡ଼ବାସୀ ତଥା ବିଜୁ ଜନତା ଦଳ ପକ୍ଷରୁ ଘୋର ନିନ୍ଦା କରାଯାଇଛି।

ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳ ପକ୍ଷରୁ ୪୫ ଜଣିଆ ପ୍ରଚାରକଙ୍କ ନାମ ଘୋଷଣା କରାଯିବା ସହ ଆସନ୍ତା କାଲି ଠାରୁ ବିଜେଡି ପକ୍ଷରୁ ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ପ୍ରଚାର କାର୍ଯ୍ୟକୁ ଜୋର୍‌ଦାର କରାଯିବ ବୋଲି କାର୍ଯ୍ୟାଳୟ ସମ୍ପାଦକ ରଞ୍ଜନ କୁମାର ଜେନା ଘୋଷଣା କରିଛନ୍ତି। କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ ପ୍ରଚାର କମିଟିର ଅଧ୍ୟକ୍ଷ ତଥା ସମ୍ପାଦକ ଲଳିତେନ୍ଦୁ ସେନାପତି ଯୁଗ୍ମ ଅଧ୍ୟକ୍ଷ ଭାବେ ମନୋନିତ ହୋଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷ ଶ୍ରୀ ଦାସ, ଯୁଗ୍ମ ଅଧ୍ୟକ୍ଷ ଶ୍ରୀ ସେନାପତି, ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି, ଆଇନଜୀବୀ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଚାର କମିଟିରେ ଦଳ ପକ୍ଷରୁ ଦଳ, ବର୍ଣ୍ଣ, ଧର୍ମ, ଜାତି ନିର୍ବିଶେଷରେ ସବୁ ବର୍ଗର ଜନସାଧାରଣଙ୍କୁ ସଂଯୋଗ କରିବାକୁ ପ୍ରୟାସ କରାଯାଇଛି ବୋଲି ପ୍ରକାଶ କରିଥିଲେ। ଚଳିତ ସାଧାରଣ ନିର୍ବାଚନ ପାଇଁ ଆଠଗଡ଼ ନିର୍ବାଚନ ମଣ୍ଡଳୀର ପ୍ରଦୀପ୍ତ କୁମାର ଦାସ, ଲଳିତେନ୍ଦୁ ସେନାପତି, ଆଦିତ୍ୟ ପ୍ରତାପ ସ୍ୱାଇଁ, ରଞ୍ଜନ କୁମାର ଜେନା, ରମେଶ ଚନ୍ଦ୍ର ଘଡେଇ, ସତ୍ୟପ୍ରକାଶ ରଥ, ରଞ୍ଜନ କୁମାର ଆଚାର୍ଯ୍ୟ, ନୃସିଂହ ମହାପାତ୍ର, ରବୀନ୍ଦ୍ରନାଥ ରାଉତ, ଅଜିତ୍ କୁମାର ଧିର, ଶିଶିର ପ୍ରସାଦ ମାନସିଂହ, ସତ୍ୟପ୍ରିୟ ମହାନ୍ତି, ମହମ୍ମଦ ଖଲିଦ୍, ସତ୍ୟେନ୍, ଏସ.କେ. ସାହାଜାନ, ରଞ୍ଜିତ୍ ରାଉତ, ସୁନୀଲ କୁମାର ପରିଡ଼ା, ଦୀପକ ଆଚାର୍ଯ୍ୟ, ଲଳିତ ମୋହନ ନାୟକ, ସନ୍ଧ୍ୟାରାଣୀ ନାୟକ, ସସ୍ମୀତା ରାଉତ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ସୁଚିତ୍ରା ସାହୁ, ମିତା ରାଉତ, ରଞ୍ଜିତା ଭକ୍ତା, ସସ୍ମିତା ରାଉତ, ସଞ୍ଜୟ ମଲ୍ଲିକ, ବଳଭଦ୍ର ବାଘ, ମିନତୀ ଗାଗରାଇ, ଶାନ୍ତିଲତା ବେହେରା, ଶର୍ମିଳା ନାୟକ, ଭାଗିରଥି ନନ୍ଦ, ଲକ୍ଷ୍ମୀନାରାୟଣ ଭଞ୍ଜ, ତୋଫାନ ସାମଲ, ହିମାଂଶୁ ଶେଖର ସ୍ୱାଇଁ, ମନୋରଞ୍ଜନ, ବିନୋଦ ମାଝି, ଜାନକିଲତା ନାୟକ, ଅଶୋକ କୁମାର ରାଉତ, ଶ୍ୟାମ ପ୍ରସାଦ ପଣ୍ଡ, ବି. ଶୁଭ୍ର ଶଙ୍କର ଜ୍ୟୋତି, ଆଲୋକ କୁମାର ପ୍ରଧାନ, ରାକେଶ ଚନ୍ଦ୍ର ଦାଶ, ବାସନ୍ତୀ ରାଉଳ ଓ ରୂପା ଦଳେଇଙ୍କୁ ଦଳ ପକ୍ଷରୁ ଷ୍ଟାର ପ୍ରଚାରକ ରୂପେ ମନୋନୀତ କରାଯାଇଛି। ଦୀର୍ଘ ଦିନର ସୁଶାସନ ଫଳରେ ବିଜୁ ଜନତା ଦଳକୁ ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷିତ ଯୁବକ, ଛାତ୍ର ତଥା ବିଶେଷ କରି ମହିଳାମାନେ ଆକୃଷ୍ଟ ହେଉଛନ୍ତି। ଫଳରେ ବିରୋଧି ନିରାଶ ହେଉଛନ୍ତି।

## ବାଙ୍କୀ ବିଜେଡି ପକ୍ଷରୁ ଘରକୁ ଘର ବୁଲି ଭୋଟ ପ୍ରଚାର

ବାଙ୍କୀ, ୧୨।୫(ସମିସ): ଆଜି ବାଙ୍କୀ ବିଜେଡି ପକ୍ଷରୁ କେନ୍ଦ୍ର ଜୋନ୍ ବିଲିପଡ଼ା ପଞ୍ଚାୟତରେ ଘରକୁ ଘର ବୁଲି ବିଜେଡି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଭୋଟ ଭିକ୍ଷା କରିବା ସହ ଲୋକମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଲିପଡ଼ା ପଞ୍ଚାୟତର ପଦନପୁର, ବିଲିପଡ଼ା, ଧରସ, ଓସ୍ଥପର, ପାଖରାଖାଲ ଗାଁକୁ ଗାଁ ବୁଲି ଲୋକମାନଙ୍କୁ ଭେଟିବା ସହିତ କଟକ ବିଜେଡି ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀଙ୍କୁ ଭୋଟ ଦେବାପାଇଁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବିଦୁଲତା ପରିଡ଼ା, ସମିତି ସଭ୍ୟା ରେଣୁବାଳା ସ୍ୱାଇଁ, ବିଜେଡି ନେତା ଶରତ ମନ୍ତ୍ରୀ, ବାନାମ୍ବର ପରିଡ଼ା, ନାଏବ ସରପଞ୍ଚ ଶରତ ସାହୁ, ତ୍ରିନାଥ ପରିଡ଼ା, ଅମରେନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ସାମିଲ୍ ହୋଇ ଭୋଟ ଭିକ୍ଷା କରିଥିଲେ। ସେହିପରି ଶିମିଳିପୁର ଗ୍ରାମ ପଞ୍ଚାୟତର କରବର, ଶୁଖୁଆଖଳା, ଶିମିଳିପୁର, ଚାରିଘରିଆ, ମକୁନ୍ଦପୁର ଗ୍ରାମର ଘରକୁ ଘର ବୁଲି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ଭୋଟ



ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିମିଳିପୁର ସେବାସମବାୟ ସମିତି ସଭାପତି ବିଭୂ ପ୍ରସାଦ ସାମଲ, ସମିତି ସଭ୍ୟା ଝୁନାରାଣୀ ନାୟକ, ବରିଷ୍ଠ ବିଜେଡି ନେତା ସମରେନ୍ଦ୍ର ମହାପାତ୍ର, ବିଜେଡି କର୍ମକର୍ତ୍ତା ଇନ୍ଦ୍ରମଣି ନାୟକ, ଅଜୟ ରାଉତ, ସନ୍ତୋଷ ସାହୁ, ଅନ୍ତର୍ଯ୍ୟାମୀ ନାୟକ, ବିଭୂତି ରାୟ, ସୁବୋଧ ସାମଲ, ବେଣୁଧର ସାମଲ ପ୍ରଭୃତି ଯୋଗଦେଇଥିଲେ। ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, କେନ୍ଦ୍ର ଜୋନ୍ ଜିଲ୍ଲାପରିଷଦ ସଭ୍ୟା ମିନତୀ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ଉଭୟ ଲୋକସଭା ଓ ବିଧାନ ସଭା ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ନିର୍ବାଚିତ କରିବାକୁ ଉଭୟ ପଞ୍ଚାୟତର ଜନସାଧାରଣଙ୍କୁ ଅନୁରୋଧ କରିଥିଲେ।

## ହରିଅନ୍ତାରେ ବିଜେଡିର ଜୋର୍‌ଦାର ପ୍ରଚାର



ଟାଙ୍ଗୀ, ୧୨।୫(ସମିସ): କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ସାଲେପୁର ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ବେହେରାଙ୍କ ଜନ ସମର୍ଥନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ହରିଅନ୍ତା ପଞ୍ଚାୟତରେ ରବିବାର ଦିନ ପଞ୍ଚାୟତ ବିଜେଡି ସଭାପତି ନରେନ୍ଦ୍ର କୁମାର ରାଉତରାୟଙ୍କ ନେତୃତ୍ୱରେ ପ୍ରଚାର ଜୋରଦାର କରାଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଓଡ଼ିଶା ସରକାରଙ୍କ ୫ ବର୍ଷର ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିବାସହ ଯୋଡି ଶଙ୍ଖରେ ଭୋଟଦାନ କରିବାକୁ ଅନୁରୋଧ କରିଥିଲେ। ପ୍ରତ୍ୟେକ ଗ୍ରାମରେ ମହିଳାମାନଙ୍କ ଦ୍ୱାରା ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଥିବା ଦେଖିବାକୁ ମିଳିଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ, ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ ଓ ଜୟଶ୍ରୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଜନ୍ମେଜୟ ଖିଲାର, ସ୍ଥାନୀୟ ସରପଞ୍ଚ ଶୁଭସ୍ମିତା ମଲ୍ଲିକ, ସମିତି ସଭ୍ୟ ଶ୍ରୀମନ୍ତ ଜେନା, ସ୍ୱାଧିନ କିଶୋର ମହାନ୍ତି, ନାଏବ ସରପଞ୍ଚ ସୋଫିଆ ବିବି, ମଧୁସୂଦନ ସାମଲ, ଗୋବିନ୍ଦ ଲେଙ୍କା, ମନୋଜ ପ୍ରତାପ, ଶୁଶାନ୍ତ ଖୁଣ୍ଟିଆ, ରଞ୍ଜନ ନାୟକ ଓ ଗୋଲଖ ମହାନ୍ତି ପ୍ରମୁଖ ଯୋଗଦାନ କରିଥିବାବେଳେ ମିଶନଶକ୍ତି ସଭାପତି, ସମ୍ପାଦକ ଓ ଶତାଧିକ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। ଯୁବ ସଙ୍ଗଠକ ଗୋପାଳ ଲେଙ୍କା ସହଯୋଗ କରିଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମ ହରିଅନ୍ତା ପଞ୍ଚାୟତର ମଙ୍ଗୁଳିରୁ ଆରମ୍ଭ ହୋଇ ତନ୍ତିରା ଗ୍ରାମରେ ଶେଷ ହୋଇ ବିଜେଡି ସଙ୍ଗଠକ କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ନପଙ୍ଗ ପଞ୍ଚାୟତର ପ୍ରବେଶ କରିଥିଲା।

## ଚୋରି ସାମଗ୍ରୀ ଜବତ: ୪ ଗିରଫ

**ଟାଙ୍ଗୀ, ୧୨।୫(ସମିସ):** ଟାଙ୍ଗୀ ଥାନା ବିଶ୍ୱାଳୀ ଫାଣ୍ଡି ଅଧୀନସ୍ଥ ତଥା ଗରୁଡ଼ଗାଁ ପଞ୍ଚାୟତ ବାଆଁଦାସ୍ଥିତ ଏକ ନର୍ସରୀ ମଧ୍ୟରୁ ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗରେ ପୁଲିସ ୪ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସ୍ଥାନୀୟ କିଆଝର ଆଦିବାସୀବସ୍ତିର ଟୁଡୁର ମେଲଷାଣ୍ଡି(୨୬), ଜମାଦାର ସିଦ୍ଧୁ(୧୮), ରାମସିଂ ମେଲଷାଣ୍ଡି (୧୯)ଓ ବାଆଁଦା ବାସିନ୍ଦା ସନ୍ତୋଷ ହେହୁରୀ(୪୬) ବୋଲି ଫାଣ୍ଡି ତଥା ତଦନ୍ତକାରୀ ଅଧିକାରୀ ଶ୍ରୀକାନ୍ତ ବେହେରା ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ମହାରଣା ଫାର୍ମ ହାଉସ ତଥା ଶକ୍ତି ନିର୍ସରୀ ପରିସରରୁ ଗୁରୁବାର ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ କାଜୁ ମଞ୍ଜି ଚୋରି ହୋଇଥିଲା। ବିଭିନ୍ନ ସମୟରେ ଫାର୍ମରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଉପରେ ସନ୍ଦେହ କରି ପୁଲିସ ତଦନ୍ତ ପୂର୍ବକ ସାମଗ୍ରୀ ଉଦ୍ଧାରରେ ସଫଳ ହୋଇଥିଲା।

## ବୋମା ଫୁଟି ଗାଈ ଗୁରୁତର

ଟାଙ୍ଗୀ, ୧୨।୫(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ଓ ଗରୁଡ଼ଗାଁ ପଞ୍ଚାୟତ ମିଳନସ୍ଥଳ ବିଶ୍ୱନାହାକାଶୀସ୍ଥିତ ପ୍ରମୋଦ ଉଦ୍ୟାନ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଗାଈ ଖାଦ୍ୟ ଭାବି ଏକ ବୋମାକୁ ଖାଇଦେବାରୁ ତାହା ବିସ୍ଫୋରଣ ଘଟିଥିଲା। ଫଳରେ ଗାଈଟି ଗୁରୁତର ହୋଇଥିବା ଜଣାପଡ଼ିଛି। ଆଦିବାସୀ ବହୁଳ ଉକ୍ତ ଅଞ୍ଚଳରେ ବାରହା ଶିକାର ନିମନ୍ତେ କେତେକ ଅସାଧୁ ଶିକାରୀ ବୋମା ଖଞ୍ଜିଥିଲେ। ଏହି ଘଟଣା ଲୋକଲୋଚନକୁ ଆସିବାପରେ ବନ ବିଭାଗ ତଦନ୍ତ କରୁଥିବା ଜଣାପଡ଼ିଛି।



## ମଦ ଜବତ: ୨ ଗିରଫ

**ଚୌଦ୍ୱାର, ୧୨।୫(ସମିସ):** ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର କୋଚିଲା ନୂଆଗାଁରୁ ପୁଲିସ ୧୦୫ ଲିଟର ବେଆଇନ୍ ଦେଶୀମଦ ଜବତ କରିବା ସହିତ ୨ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆଦିବାସୀ ଅଧ୍ୟୁସିତ କୋଚିଲା ନୂଆଗାଁ ଅଞ୍ଚଳରେ ବେଆଇନ ମଦ ରନ୍ଧା ଯାଉଥିବା ଓ ମଦ କାରବାର ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଁ ଏସ୍‌ଆଇ ଅବିନାସ ରାଉତ ସଦଳବଳେ ଘଟଣାସ୍ଥଳରେ ଚଢ଼ଉ କରି ସେହି ଗ୍ରାମର ମଦ ବ୍ୟବସାୟୀ ସିଦ୍ଧାର୍ଥ ମଲ୍ଲିକ ଓ ମୁରଲୀ ବାନରାକୁ ଗିରଫ କରିବା ସହ ମଦ ଜବତ କରିଥିଲେ। ସେଠାରେ ଗଚ୍ଛିତ ଥିବା ହଜାରେ ଲିଟରରୁ ଅଧିକ ପୋଚକୁ ପୁଲିସ ନଷ୍ଟ କରିଦେଇଥିବା ଜଣା ପଡ଼ିଛି।

# ବିଲ୍‌ଡର ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ

ଫୁଲନଖରା, ୧୨।୫(ସମିସ)

ବାରଙ୍ଗ ତହସିଲ ଅଞ୍ଚଳରେ ଥିବା ବହୁ ଚାଷ ଜମିକୁ ବିଲ୍‌ଡରମାନେ କିଣି ତାହାକୁ ଘରବାଡି କିସମରେ ପରିଣତ କରିବା ସହିତ ଜଳସେଚନ ବିଭାଗ ଜମି, ଗୋଚର ଓ ଅନାବାଦି ଜମିକୁ ନିଜର ରାସ୍ତା ଭାବରେ ବ୍ୟବହାର କରିବା ଘଟଣା ଦିନକୁ ଦିନ ବୃଦ୍ଧି ଘଟିବା ସହିତ ଗ୍ରାମବାସୀ ଓ ବିଲ୍‌ଡରଙ୍କ ମଧ୍ୟରେ ଉତ୍ତେଜନାମୂଳକ

- **ବିଭାଗୀୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା**

ପରିସ୍ଥିତି ଦେଖାଦେବାର ବହୁତ ନଜିର ରହିଛି। ସେହିଭଳି ଏକ ଘଟଣା ବାରଙ୍ଗ ବ୍ଲକ ଅନ୍ତର୍ଗତ ନଗରୀ ପଞ୍ଚାୟତ ଅଧିନସ୍ଥ ମହିଧରପଡ଼ା ମୌଜା ନୂଆପୋଖରୀ ବନ୍ଧ ତଡ଼ାକୁ ନେଇ ଗ୍ରାମବାସୀ ଓ ବିଲ୍‌ଡର ମଧ୍ୟରେ ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ଜନୈକ ବିଲ୍‌ଡର ଜଳସେଚନ ବିଭାଗର କେନାଲ ବନ୍ଧକୁ ଲାଗି କିଛି ଚାଷଜମିକୁ କିଣି ତାହାକୁ ଘରବାଡିରେ ପରିଣତ କରିବା



ସହିତ ଗ୍ରାହକମାନଙ୍କୁ ବିକ୍ରୟ କରିବା ସହିତ ନିଜର ସୁବିଧା ପାଇଁ ପ୍ଲଟ ନଂ ୩୩୭ରେ ଥିବା ନୂଆପୋଖରୀର ଗୋଟିଏ ପାର୍ଶ୍ୱର ପ୍ରାୟ ୩୦ଫୁଟ ବନ୍ଧକୁ ସମ୍ପୂର୍ଣ୍ଣ ତାଡି ଦେଇଛନ୍ତି। ଉକ୍ତ ମାଟିକୁ ନେଇ ନିଜ ପ୍ରକଳ୍ପର ରାସ୍ତା ନିର୍ମାଣରେ ବ୍ୟବହାର କରିଛନ୍ତି। ୫୦ବର୍ଷରୁ ଉର୍ଦ୍ଧ୍ୱ ଏହି ପଞ୍ଚାୟତ ଅଧିନରେ ଥିବା ପୋଖରୀର ବନ୍ଧ ତଡାକୁ ନେଇ ଗ୍ରାମବାସୀଙ୍କ ତରଫରୁ ସରପଞ୍ଚ ନରୋତ୍ତମ ଦାସ କଟକ ସଦର ଥାନରେ ଏକ ଲିଖିତ ଅଭିଯୋଗ କରିବା ପରେ ଥାନାଧିକାରୀ ମାଟି ଉଠାଇବାରେ ବ୍ୟବହୃତ ଗାଡ଼ିକୁ ଜବତ କରିବା ସହିତ ଥାନାକୁ ନେଇଯାଇଥିଲେ। ଜମି ମାପଚୁପ ପର୍ଯ୍ୟନ୍ତ ବିଲ୍‌ଡରଙ୍କୁ ଖୋଳାଯାଇଥିବା ବନ୍ଧକୁ ତୁରନ୍ତ ପୋତିବାକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ବିଲ୍‌ଡର ବନ୍ଧକୁ ବନ୍ଧାଇବା ଆଳରେ ପୁନର୍ବାର ବନ୍ଧର ମାଟି ତାଡିବାରୁ ଗ୍ରାମବାସୀ ଓ ବିଲ୍‌ଡରଙ୍କ ମଧ୍ୟରେ ଏକ ପ୍ରକାର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ କଟକ ସଦର ଥାନା ପୁଲିସ୍ କାମ ବନ୍ଦ କରାଇଥିଲେ। କିନ୍ତୁ ପରିତାପର ବିଷୟ ବାରଙ୍ଗ ତହସିଲଦାରଙ୍କୁ ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉ ନଥିବାରୁ ତହସିଲଦାରଙ୍କ କାର୍ଯ୍ୟକଳାପ ଉପରେ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି ହେଉଛି। ତୁରନ୍ତ ତହସିଲଦାର ମହିଧରପଡ଼ାସ୍ଥିତ ନୂଆପୋଖରୀ ଯାହା ପଞ୍ଚାୟତ ଅଧିନରେ ଅଛି ତାହାର ମାପଚୁପ କରି ପୋଖରୀ ବନ୍ଧକୁ ଚିହ୍ନଟ କରି ସମ୍ପୃକ୍ତ ବିଲ୍‌ଡରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଞ୍ଚଙ୍କ ସମେତ ପୂର୍ବତନ ସରପଞ୍ଚ ଅଶୋକ କୁମାର ଦାଶ, ପ୍ରଣମ ପଟ୍ଟନାୟକ, ନଳିନୀକାନ୍ତ ପଟ୍ଟନାୟକ, ୱାର୍ଡ ମେମ୍ବର ରମେଶ ଚନ୍ଦ୍ର ମହାପାତ୍ର, ସୁନୀଲ କୁମାର ରଥ, ପ୍ରଶାନ୍ତ କୁମାର ଦାସ, ବନମାଳୀ ଭୋଇ, ସୁକାନ୍ତ ସେଠୀ, ପୁନାନନ୍ଦ ଭୋଇ ଓ କାଳୀଚରଣ ଦାସ ପ୍ରମୁଖ ଦାବି କରିଛନ୍ତି।

## ବିଶ୍ୱ ମାତୃ ଦିବସ ପାଳିତ

ଚୌଦ୍ୱାର, ୧୨।୫(ସମିସ): ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ଼ ନୂଆସାହିସ୍ଥିତ ମହିଳା ଆରୋଗ୍ୟ ସମିତି ଗୃହରେ ବିଶ୍ୱ ମାତୃ ଦିବସ ପାଳିତ ହୋଇ ଯାଇଛି। ସ୍ଥାନୀୟ ମହିଳା ଆରୋଗ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଉନସିଲର ଆଶୁତୋଷ ଦାସ, ବିଜୟ କୁମାର ସାହୁ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାତୃ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ମାନବ ସମାଜର ସୃଷ୍ଟି ଓ ବିକାଶରେ ମା'ର ତ୍ୟାଗ ଓ ବଳିଦାନ ସର୍ବାଗ୍ରେ ଥିବା ମତବ୍ୟକ୍ତ କରିଥିଲେ। ସ୍ନିଗ୍ଧା ଶର୍ମା, ଟୁନି ବିଶ୍ୱାଳ, ସୁଜାତା ରଥ ପ୍ରମୁଖ ମାତୃ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଞ୍ଚଳର ବହୁ ସଂଖ୍ୟକ ମହିଳା ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।



